(Annexure - F)

79
487

ସଂଖ୍ୟା 47348–ଏଫ୍. ଏଫ୍. ପି–1 99–ଅର୍ଥ
ଅର୍ଥ ବିଭାଗ
ନିର୍ଦ୍ଧାରଣ
ତା 9 ଅକ୍ଟୋବର 2002 ରିଖ

ବିଷୟ– ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନାର ପରିବର୍ତ୍ତନ ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଯୋଜନାର କୋହଳି କରଣ ନୀତି ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତା 18 ଜୁଲାଇ 2000 ରିଖରର ବିଧାନସଭାରେ ବିବୃତି ଓ ମାନ୍ୟବର ଅର୍ଥମନ୍ତ୍ରୀଙ୍କ 2001–02 ବର୍ଷର ବଜେଟ୍ ଅଭିଭାଷଣ ପରେ ବିଭିନ୍ନ ପ୍ରାନ୍ତରୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ନିମନ୍ତେ ଅନେକ ଆବେଦନପତ୍ର ସରକାରଙ୍କ ହସ୍ତଗତ ହୋଇଅଛି । ଅତଏବ ଏହି ସଂପର୍କରେ ବିଭିନ୍ନ ଦିଗରୁ ବିଚାରକରି ସରକାର ନିମ୍ନୋକ୍ତ ନିଷ୍ପତ୍ତିମାନ ଗ୍ରହଣ କରିଅଛନ୍ତି ।

କ) ଏହି ପେନ୍‌ସନ ମଞ୍ଜୁରୀ ପାଇଁ ତା 27 ଅଗଷ୍ଟ 1990 ରିଖ ସୁଦ୍ଧା ପ୍ରାପ୍ତ ଆବେଦନପତ୍ର ଗୁଡିକୁ ହିଁ ବିଚାରକୁ ନିଆଯିବ , ତତ୍ ପରବର୍ତ୍ତି ସମୟରେ ପ୍ରାପ୍ତ ଆବେଦନପତ୍ର କିମ୍ବା ନୂତନ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ଆବେଦନକାରୀଙ୍କ ବିଷୟ ପୂର୍ବରୁ ସରକାରଙ୍କ ଯାଞ୍ଚ କିମ୍ବା ଅଦାଲତଙ୍କ ଦ୍ୱାରା ମିଥ୍ୟା ଜାଲ ବୋଲି ପ୍ରମାଣିତ ହୋଇନଥିବ ।

ଖ) ପେନ୍‌ସନ ପହ୍ନାପ୍ତିର ବୟସସୀମା 1942 ସୁଦ୍ଧା 18 ବର୍ଷ ହୋଇଥିବ । ଅର୍ଥାତ୍ 1924 ମସିହା ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ଦରଖାସ୍ତ ହିଁ ବିଚାରଯୋଗ୍ୟ ହେବ ।

ଗ) ବୟସ ନିର୍ଦ୍ଧାରଣ ଭୋଟର୍ ତାଲିକା ଭିତ୍ତିରେ ହେବ ।

ଘ) ଆବଦେନକାରୀ ଉପଯୁକ୍ତ ସରକାରୀ ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ । ସରକାରୀ ପ୍ରମାଣପତ୍ର ଦାଖଲ ନ କରିପାରିଲେ ଆବେଦନକାରୀ ସଂପୃକ୍ତ ସ୍ଥାନର ଅନ୍ୟୁନ ଦୁଇ ଜଣ କେନ୍ଦ୍ର ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ଭତ୍ତା ପାଉଥିବା ସଂଗ୍ରାମୀଙ୍କ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରିବା ଆବଶ୍ୟକ ।

ଙ) ଯଦି କୌଣସି ବ୍ୟକ୍ତି ଅସତ୍ୟ ତଥ୍ୟ ପ୍ରଦାନ କରି କିମ୍ବା ଜାଲ୍ ସାର୍ଟିଫିକେଟ୍ ଉପସ୍ଥାପନ କରି ଭତ୍ତା ଯୋଜନାର ପରିସରଭୁକ୍ତ ହୋଇ ଭତ୍ତା ନେବାର ପ୍ରମାଣ ମିଳେ ତେବେ ଭତ୍ତା ରଦ୍ଦ କରିବା ସହିତ ତାଙ୍କ ବିରୁଦ୍ଧରେ ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଚ) ଯୋଗ୍ୟ ବିବେଚିତ ଆବେଦନକାରୀ ମାନେ ପ୍ରଚଳିତ ହାର ଅନୁଯାୟୀ ମାସିକ 700 (ସାତ ଶହ) ଟଙ୍କା ଏହି ନିର୍ଦ୍ଧାରଣ ନିର୍ଗମିତ ହେବା ଦିନ ଠାରୁ ପାଇବେ ।

ସ୍ୱଦେଶ ସୁନ୍ଦର ପଟ୍ଟନାୟକ
ଅତିରିକ୍ତ ଶାସନ ସଚିବ